ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

କରୋନାକୁ ଦୃଷ୍ଟିରେ ରଖି

# ୨୫୯୦ଟି ଘରୋଇ ସୁଲଭ ମୂଲ୍ୟ ଦୋକାନର ଲାଇସେନ୍ସ ୪ ମାସ ପାଇଁ ନବୀକରଣ କରାଯିବ

**ଭୁବନେଶ୍ୱର : ୨୦ ମାର୍ଚ୍ଚ,୨୦୨୦**

କରୋନା(କୋଭିଡ୍-୧୯)କୁ ଦୃଷ୍ଟିରେ ରଖି ହିତାଧିକାରୀମାନେ ଯେପରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମିଳୁଥିବା ଖାଦ୍ୟଶସ୍ୟ ସୁବିଧାରେ ପାଇପାରିବେ ସେଥି ନିମନ୍ତେ ୨୫୯୦ଟି ଘରୋଇ ସୁଲଭ ମୂଲ୍ୟ ଦୋକାନର ଅପ୍ରେଲରୁ ଜୁଲାଇ ମାସ ୨୦୨୦ ପର୍ଯ୍ୟନ୍ତ ଲାଇସେନ୍ସ ନବୀକରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ଖୁଚୁରା ଦୋକାନୀ(ରିଟେଲ୍ର)ମାନଙ୍କର ଲାଇସେନ୍ସ ନବୀକରଣ ୪ ମାସ ନିମନ୍ତେ କରାଯାଇଛି । ଆଜି ଏହି ମର୍ମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବୀରବିକ୍ରମ ଯାଦବ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖିଛନ୍ତି ।

ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ଏ ମର୍ମରେ ନିର୍ଦ୍ଦେଶ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି, ଯେପରି ସେମାନେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କର ଉକ୍ତ ଖୁଚୁରା ଦୋକାନିମାନଙ୍କୁ ଲାଇସେନ୍ସ ପ୍ରଦାନ କରିବେ ।

ତାପସ କୁମାର ସାହା
ସୂଚନା ଅଧିକାରୀ